'ସଉରା ଭାଷା ସମ୍ମିଳନୀ'

# ଆଦିବାସୀମାନେ ସର୍ବବ୍ୟାପୀ ମାନବବାଦ ଶିଖାଇଥାନ୍ତି

ଭୁବନେଶ୍ୱର,୨୨।୪(ବ୍ୟୁରୋ)



ସମ୍ମିଳନୀରେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଓ ଅନ୍ୟ ଅତିଥିମାନେ।

ଭାଷା ଏକ ଜାତିର ପରିଚୟ। ଭାଷାର ସୁରକ୍ଷା ଆମର ପ୍ରାଥମିକ କର୍ତ୍ତବ୍ୟ ହେବା ଉଚିତ ବୋଲି ଶନିବାର ସଂସ୍କୃତି ବିଭାଗ ସମ୍ମିଳନୀ କକ୍ଷରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ ୨ଦିନିଆ ଜାତୀୟସ୍ତରୀୟ 'ସଉରା ଭାଷା ସମ୍ମିଳନୀ'କୁ ଉଦ୍‌ଘାଟନ କରି ବିଶିଷ୍ଟ ଭାଷାବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ପ୍ରକାଶ କରିଛନ୍ତି। କେନ୍ଦ୍ର ସାହିତ୍ୟ ଏକାଡେମୀ ସଭାପତି ଡ. ମାଧବ କୌଶିକ ପୌରୋହିତ୍ୟ କରି କହିଛନ୍ତି, ଜଣେ ମଣିଷ ବହୁଭାଷୀ ହେବା ଆବଶ୍ୟକ। ଆଦିବାସୀମାନେ ସର୍ବବ୍ୟାପୀ ମାନବବାଦ ଶିଖାଇଥାନ୍ତି। କେବଳ ଆଦିବାସୀ ଭାଷା ନୁହେଁ, ଆମ ସମ୍ବିଧାନଭୁକ୍ତ ଭାଷାଗୁଡ଼ିକ ମଧ୍ୟ ବିପନ୍ନତାର ଦିଗରେ ଧାବମାନ। ବର୍ତ୍ତମାନ ପ୍ରଯୁକ୍ତିବିଦ୍ୟା ଦ୍ୱାରା କିଭଳି ସବୁ ଭାରତୀୟ ଭାଷା ପ୍ରଚାର ପ୍ରସାର ହୋଇପାରିବ ସେ ନେଇ ସମସ୍ତେ ଧ୍ୟାନ ଦେବା ଆବଶ୍ୟକ ବୋଲି ସେ କହିଛନ୍ତି। ବିଶିଷ୍ଟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଯୋଗଦେଇ କହିଛନ୍ତି, ସଉରା ଜାତିଙ୍କଠାରୁ କିଛି ଶିଖିପାରିଲେ ଆମେ ସଭ୍ୟତାକୁ ଆଗକୁ ନେଇପାରିବା। ମୁଖ୍ୟ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ କହିଛନ୍ତି, ଭାଷା ହେଉଛି ମଣିଷର ଶକ୍ତି। ଭାଷା ଲେଖାପଢ଼ା ଜାଣିଥିବା ବ୍ୟକ୍ତି ସହଜେ ଅନ୍ୟର ଶୋଷଣର ଶିକାର ହୁଏନାହିଁ। ତେଣୁ ସଉରା ଭାଷାଭାଷୀ ଲୋକଙ୍କୁ ଭାଷାଗତ ଭାବେ ସଶକ୍ତ କରି ଗଢ଼ିବା ଦିଗରେ ଆଜିର ସମ୍ମିଳନୀ ପନ୍ଥା ନିରୂପଣ କରିବ ବୋଲି ଆଶା। ସମ୍ମାନିତ ଅତିଥି ବିଭାଗୀୟ ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ଶାସନ ସଚିବ ରଞ୍ଜନ କୁମାର ଦାସ କହିଛନ୍ତି, ଭାରତରେ ୧୪ଦିନରେ ଗୋଟେ ଲେଖାଏଁ ଭାଷା ଲୋପ ପାଉଛି। ଏହାସହ ଜଡ଼ିତ ଥିବା ସଂସ୍କୃତି ଓ ଜ୍ଞାନର ମଧ୍ୟ ବିଲୋପ ଘଟୁଛି। ଏଥିପାଇଁରେ ଶିକ୍ଷିତ ଲୋକଙ୍କର ବେଶି ହାତ ରହିଛି। ବିଶିଷ୍ଟ ଲୋକସାହିତ୍ୟବିତ୍ ଡ. ମହେନ୍ଦ୍ର କୁମାର ମିଶ୍ର କହିଛନ୍ତି, ସଉରା ଭାଷାର ଗଳ୍ପ ଓ କବିତା ଯେପରି ପ୍ରତୀକାତ୍ମକ, ତା'ର ସମାନ୍ତରାଳ ଅନ୍ୟ ଭାଷାରେ କ୍ୱଚିତ ମିଳିଥାଏ। ତେଣୁ ସଉରା ଭାଷା-ସାହିତ୍ୟର ପଞ୍ଜୀକରଣ ଓ ସୁରକ୍ଷା ଦିଗରେ ଉଭୟ ଏକାଡେମୀ ଚେଷ୍ଟା କରିବା ଉଚିତ। ଅନ୍ୟତମ ଅତିଥି ଭାବେ ଡ. ଗୌରହରି ଦାସ ଯୋଗଦେଇ ମତ ଦେଇଥିଲେ। ଆଗାମୀ ଦିନରେ ସଉରା ଭାଷାକୁ ଭାଷା ସମ୍ମାନ ମିଳିବ ବୋଲି ଏକାଡେମୀ ସଚିବ କେ. ଶ୍ରୀନିବାସ ରାଓ ସୂଚନା ଦେଇଥିଲେ। ଖୁବ୍‌ଶୀଘ୍ର ଏକାଡେମୀ ପକ୍ଷରୁ ଦେଶିଆ ଭାଷାର ଏକ ତ୍ରିଭାଷିକ ଅଭିଧାନ ପ୍ରକାଶ ପାଇବା ନେଇ ସଚିବ ପ୍ରବୋଧ କୁମାର ରାଉତ କହିଥିଲେ। ଅପରାହ୍ନରେ 'ସଉରା ଭାଷା, ସାହିତ୍ୟ ଓ ସଂସ୍କୃତିର ଇତିହାସ' ଶୀର୍ଷକ ଆଲୋଚନାଚକ୍ରରେ ସୋମୁର ଶବର, ବାସନ୍ତୀ ମହାନ୍ତି, ଗଣେନ୍ଦ୍ର ପାତ୍ରୀ ଓ ଇନ୍ଦ୍ରମଣି ଅବୋଁ ସ୍ୱରଚିତ ପ୍ରବନ୍ଧପାଠ କରିଥିଲେ। ପଦ୍ମଶ୍ରୀ ଅନ୍ତର୍ଯ୍ୟାମୀ ମିଶ୍ର ଉପସ୍ଥିତ ରହିଥିଲେ। ସଉରା କବିତାପାଠ କାର୍ଯ୍ୟକ୍ରମରେ ଖଣ୍ଡେନ୍ଦ୍ର ଶବର, ଲମ୍ବୋଧର ଶବର, ହେମା ଭଣ୍ଡା ଓ ବିନାପ୍ପା ଗମାଙ୍ଗୋ କବିତା ପାଠ କରିଥିଲେ। ସଭାପତିତ୍ୱ କରିଥିଲେ ଧର୍ମ ପ୍ରସାଦ ଗମାଙ୍ଗୋ। ସାହିତ୍ୟ ଏକାଡେମୀ ସଂସ୍କୃତ ଭାଷା ଉପଦେଷ୍ଟା ମଣ୍ଡଳର ଆବାହକ ପ୍ରଫେସର ହରେକୃଷ୍ଣ ଶତପଥୀ ଓ ସାନ୍ତାଳୀଭାଷା ଉପଦେଷ୍ଟା ମଣ୍ଡଳିର ଆବାହକ ଚୈତନ୍ୟ ପ୍ରସାଦ ମାଝୀ, ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ପ୍ରଫେସର ବିଜୟ ଶତପଥୀ, ମହେନ୍ଦ୍ର ପ୍ରଧାନ, ଅଚ୍ୟୁତ ସାହୁ, ପୂର୍ବତନ ସଦସ୍ୟ ଡ. ବିଜୟାନନ୍ଦ ସିଂହ, ଓଡ଼ିଶା ସାହିତ୍ୟ ଏକାଡେମୀ ଉପସଭାପତି ଡ. ସଂଗ୍ରାମ ଜେନା, କାର୍ଯ୍ୟକାରୀ ପରିଷଦ ସଦସ୍ୟ ଡ. ଶୁଭଶ୍ରୀ ଲେଙ୍କା ଏବଂ ବିଶିଷ୍ଟ ଅନୁବାଦକ ଡ. ଅଜୟ ପଟ୍ଟନାୟକ, ଗବେଷକ ଦେବବ୍ରତ ମହାନ୍ତି, ଡ. ଶକୁନ୍ତଳା ବଳିୟାରସିଂହ, ଡ. ପ୍ରେମାନନ୍ଦ ମହାପାତ୍ର, ଅନୁବାଦିକା ଡ. ବିଦ୍ୟୁତପ୍ରଭା ରଥ ପ୍ରମୁଖ ଯୋଗଦେଇଥିଲେ।